**<u>ରିପୋର୍ଟ ଯୋଗ୍ୟ</u>**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ...**

**ଫୌଜଦାରୀ ଅପିଲ ନ୍ୟାୟାଧୀଶ କ୍ଷେତ୍ର**

**୨୦୧୭ ର ଅପରାଧିକ ଆବେଦନ ସଂଖ୍ୟା ୯୮୮**

**ସାବିତ୍ରୀ ସାମନ୍ତରାୟ ... ଆବେଦନକାରୀ**

**ବନାମ**

**ଓଡ଼ିଶା ରାଜ୍ୟ ... ଉତ୍ତରଦାତା**

**ଏଥି ସହିତ,**

**୨୦୨୨ ର ଅପରାଧିକ ଆବେଦନ ସଂଖ୍ୟା ୮୬୦**

**(୨୦୧୭) ର ଏସଏଲପି (ସିଆରଏଲ) ନଂ ୩୮୮୧ ରୁ ଉତ୍ପନ୍ନ)**

**ବିଦ୍ୟାଧର ପ୍ରହରାଜ ... ଆବେଦନକାରୀ**

**ବନାମ**

**ଓଡ଼ିଶା ରାଜ୍ୟ ... ଉତ୍ତରଦାତା**

**<u>ରାୟ</u>**

**କ୍ରିଷ୍ଣ ମୁରାରୀ, ବିଚାରପତି**

୨୦୧୭ ର ୩୮୮୧ ନମ୍ବର ସ୍ପେଶାଲ ଲିଭ ପିଟିସନ (କ୍ରିମିନାଲ)କୁ ଅନୁମତି ପ୍ରଦାନ କରାଯାଇଛି।

୨. ଓଡିଶା ଉଚ୍ଚ ନ୍ୟାୟାଳୟ ,କଟକରେ ତା ୦୮.୧୧.୨୦୧୬ ରିଖରେ ୨୦୧୫ ର ଅପରାଧିକ ଅପିଲ ନମ୍ବର ୨୦୨ରେ ଦିଆଯାଇଥିବା ରାୟ ଏବଂ ଆଦେଶ ବିରୋଧରେ ବର୍ତ୍ତମାନର ଅପିଲଗୁଡିକ ନିର୍ଦ୍ଦିଷ୍ଟ କରାଯାଇଛି।ଏହି ମାମଲାର ଆବେଦନକାରୀ ସାବିତ୍ରୀ ସାମନ୍ତରାୟ ଏବଂ ବିଦ୍ୟାଧର ପ୍ରହରାଜ ଯଥାକ୍ରମେ ପତ୍ନୀ ଏବଂ ସ୍ୱାମୀ।୨୦୦୮ର ଏଫ.ଆଇ.ଆର ନମ୍ବର ୧୨୦ ରେ ଏହି ଦୁଇଜଣଙ୍କୁ ଅଭିଯୁକ୍ତ ନମ୍ବର-୨ ଏବଂ ଅଭିଯୁକ୍ତ ନମ୍ବର-୧ଭାବରେ ସାମିଲ କରାଯାଇଛି। ଆବେଦନକାରୀମାନେ ସେମାନଙ୍କ ଝିଅ (ଅଭିଯୁକ୍ତ ନମ୍ବର ୩) ସହ ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୨, ୨୦୧ ଏବଂ ଧାରା ୩୪ (ଯାହା ପରବର୍ତ୍ତୀ ସମୟରେ 'ଆଇପିସି' ନାମରେ ଅଭିହିତ ହେବ) ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଦୌରା ଜଜ (ସେସନ୍ସ କୋର୍ଟ) ଯାଜପୁର, ୨୦୧୦ ର ସି .ଟି. ମାମଲା ନଂ. ୭୬ ରେ ଆଇପିସିର ଧାରା ୩୦୨, ୨୦୧ଏବଂ ଧାରା ୩୪ ଅନ୍ତର୍ଗତ ଅପରାଧ ପାଇଁ ଅଭିଯୁକ୍ତ ନଂ ୧ ଏବଂ ୨ କୁ ଦୋଷୀ ସାବ୍ୟସ୍ତ କରିଥିଲେ, ଯେଉଁଥିରେ ଦୁଇ ଆବେଦନକାରୀଙ୍କୁ କଠୋର କାରାଦଣ୍ଡ ଏବଂ ୧0,000/- ଟଙ୍କା ଜୋରିମାନା ଏବଂ ଜୋରିମାନା ପଇଠ ନ କଲେ ୬ ମାସ ଅତିରିକ୍ତ ଦଣ୍ଡାଦେଶ ଦିଆଯାଇଥିଲା। ସେମାନଙ୍କ ଝିଅ ଅର୍ଥାତ୍ ଅଭିଯୁକ୍ତ ନମ୍ବର ୩ କୁ ଭାରତୀୟ ଦଣ୍ଡ ବିଧାନ ଧାରା ୩୦୨ , ୧୦୯

ଏବଂ ୩୪ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇ କଠୋର ଆଜୀବନ କାରାଦଣ୍ଡାଦେଶ, ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ପଇଠ ନକଲେ ୬ ମାସର ଅତିରିକ୍ତ ଦଣ୍ଡାଦେଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ହାଇକୋର୍ଟ ଆଦେଶ ଦେଇ ଝିଅକୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଥିଲେ, କିନ୍ତୁ ଆବେଦନକାରୀଙ୍କ ଦଣ୍ଡାଦେଶକୁ ବଜାୟ ରଖିଥିଲେ । ତେବେ ଆଇପିସିର ଧାରା ୩୦୨ ଅନ୍ତର୍ଗତ ଆବେଦନକାରୀଙ୍କ ଦଣ୍ଡାଦେଶକୁ ଆଇପିସିର ଧାରା ୩୦୪ (୨) ଅଧିନସ୍ଥ ଦଣ୍ଡାଦେଶରେ ବଦଳାଇ ଦିଆଯାଇଛି ଏବଂ ସେଥିପାଇଁ ଦଣ୍ଡାଦେଶକୁ ୫ବର୍ଷର କଠୋର କାରାଦଣ୍ଡାଦେଶ, ୧୦ ହଜାର ଟଙ୍କାର ଜୋରିମାନା ଏବଂ ଖିଲାପ  ହେଲେ ୬ ମାସ ଅତିରିକ୍ତ କଠୋର କାରାଦଣ୍ଡାଦେଶକୁ ହ୍ରାସ କରାଯାଇଛି।

**ତଥ୍ୟମୂଳକ ଛାଞ୍ଚ**

୩. ଏଠାରେ ଅଭିଯୁକ୍ତ ଆବେଦନକାରୀମାନେ ମାୟାଧର ମହାପନା ନାମକ ବ୍ୟକ୍ତିଙ୍କ ଘରେ ଭଡାଟିଆ ଥିଲେ ।୨୦୦୮ ମସିହା ଜୁଲାଇ୨୧ ତାରିଖରେ ଉକ୍ତ ଘରମାଲିକ ଏକ ଏଫଆଇଆର ଦାଏର କରି କହିଥିଲେ ଯେ ଜଣେ ଅଜଣା ବ୍ୟକ୍ତି ସନ୍ଧ୍ୟା ୭ ଟା ସମୟ ରେ ଅଭିଯୁକ୍ତ ଆବେଦନକାରୀଙ୍କୁ ଆକ୍ରମଣ କରିଥିଲେ।ଯେତେବେଳେ ସେ ନିଜ ଘରେ ବସି ଟିଭି ଦେଖୁଥିଲେ ।ଘର ମାଲିକ କହିଥିଲେ ଯେ ସେ ତାଙ୍କ ଘରର ଯେଉଁ ଅଂଶକୁ ଆବେଦନକାରୀଙ୍କୁ ଭଡା ଦିଆଯାଇଥିଲା, ସେଠାରୁ ଏକ ଚିତ୍କାର ଶୁଣିଥିଲେ ଏବଂ ଯେତେବେଳେ ସେ ତଦନ୍ତ କରିବାକୁ ଧାଇଁ ଯାଇଥିଲେ, ସେ ଦେଖିଲେ ଜଣେ ଅଜଣା ବ୍ୟକ୍ତି ଅପିଲକାରୀଙ୍କୁ 'କାତ' ଦ୍ୱାରା ଆକ୍ରମଣ କରୁଛନ୍ତି। ଫଳସ୍ୱରୂପ ଘର ମାଲିକ ସାହାଯ୍ୟ ପାଇଁ ଚିତ୍କାର କରିଥିଲେ ଏବଂ ଅନ୍ୟ ଲୋକମାନେ ଘର ଚାରିପାଖରେ ଏକତ୍ରିତ ହେବା ପରେ ସେ ଏକ ପରସ୍ପର ସଂଯୋଗ ଦ୍ୱାର ଜରିଆରେ ଦମ୍ପତିଙ୍କୁ ଉଦ୍ଧାର କରିଥିଲେ।

୪.ଏହି ଅଜଣା ବ୍ୟକ୍ତି ଆବେଦନକାରୀଙ୍କ ଘରେ ରହିଥିଲେ।ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘରର ସମସ୍ତ କୋଠରୀକୁ ଯାଞ୍ଚ କରିବା ପରେ ରୋଷେଇ ଘର ଭିତରେ ଜଣେ ବ୍ୟକ୍ତିଙ୍କ ମୃତ ଦେହ ମିଳିଥିଲା । ପ୍ରାଥମିକ ତଦନ୍ତରୁ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଥିଲା । ପରେ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା ଓ ପରବର୍ତ୍ତୀ ସମୟରେ ଚିହ୍ନଟ ପାଇଁ ସଂରକ୍ଷିତ ରଖାଯାଇଥିଲା ।    ତା ୨୪.୦୭.୨୦୦୮ ରିଖରେ ରଞ୍ଜନ ରଣା ନାମକ ଜଣେ ବ୍ୟକ୍ତି ମୃତକଙ୍କୁ ସଞ୍ଜୟ ରଣା ବୋଲି ଚିହ୍ନଟ କରିଥିଲେ । ସେ ଆହୁରି ମଧ୍ୟ ପ୍ରକାଶ କରିଥିଲେ ଯେ ଆବେଦନକାରୀଙ୍କ ଝିଅ ସହିତ ମୃତ ବ୍ୟକ୍ତିଙ୍କର ପ୍ରେମ ସମ୍ପର୍କ ଥିଲା ।

୫.ଶବର ବ୍ୟବଚ୍ଛେଦ ମଧ୍ୟ କରାଯାଇଥିଲା ଏବଂ ଡାକ୍ତରଙ୍କ ଦ୍ୱାରା କୁହାଯାଇଥିଲା ଯେ ବେକର ନିମ୍ନଭାଗରେ ଚାପ ପଡିବା କାରଣରୁ ମୃତ୍ୟୁ ହୋଇଥିଲା,ଯାହାର ଫଳସ୍ୱରୂପ ଶ୍ୱାସକ୍ରିୟା ଉପରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ଆହୁରି ମଧ୍ୟ ମତ ପ୍ରକାଶ କରାଯାଇଥିଲା,ମୃତ ବ୍ୟକ୍ତିଙ୍କୁ ଦୁଇ କିମ୍ବା ଅଧିକ ବ୍ୟକ୍ତି ଏସିଡ୍ ଏବଂ ଦନ୍ଥରା ବସ୍ତୁ ଦ୍ୱାରା ଆକ୍ରମଣ କରିଥିଲେ । ତେଣୁ ଏହା ଏକ ହତ୍ୟାକାଣ୍ଡ ବୋଲି କୁହାଯାଉଛି l ଏହାର ପରିଣାମ ସ୍ୱରୂପ ଅଭିଯୁକ୍ତ ଆବେଦନକାରୀ ଏବଂ ତାଙ୍କ ଝିଅ (ଅଭିଯୁକ୍ତ ନଂ.୩) ଙ୍କ ବିରୁଦ୍ଧରେ ଆଇପିସି ଧାରା ୩୦୨,୨୦୧,୧୦୯ ଏବଂ ୩୪ ଅଧିନସ୍ଥ ଅପରାଧ ଆରୋପରେ ଅଭିଯୋଗ ପତ୍ର ( ଚାର୍ଜସିଟ ) ଦାଖଲ କରାଯାଇଥିଲା l

୬. ଅନ୍ୟପକ୍ଷରେ ଅଭିଯୁକ୍ତ ଆବେଦନକାରୀ କହିଥିଲେ ଯେ ଅଜଣା ବ୍ୟକ୍ତି ବଳପୂର୍ବକ ସେମାନଙ୍କ ଘରେ  ପଶି ଭିତର ଆଡୁ ତାଲା ପକାଇ ଦେଇଥିଲେ । ସେ ପ୍ରଥମେ ଅଭିଯୁକ୍ତ ନଂ-୧ (ବିଦ୍ୟାଧର ପ୍ରହରାଜ) ଙ୍କୁ ସାମନା କରି ଥିଲେ ଏବଂ ଯଦି ସେ ସମ୍ପୂର୍ଣ୍ଣ ଟଙ୍କା ଏବଂ ମୂଲ୍ୟବାନ ସାମଗ୍ରୀ ଦେବାକୁ ମନା କରନ୍ତି ତେବେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ପରବର୍ତ୍ତୀ ସମୟରେ ମୃତକ ଉଭୟ ଆବେଦନକାରୀଙ୍କୁ ଆକ୍ରମଣ କରିଥିଲେ, ଯାହା ଫଳରେ ସେମାନେ ଆହତ ହୋଇଥିଲେ । ଶେଷରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା ଏବଂ ପରେ ପୁଲିସ ସେମାନଙ୍କୁ ଏକ ମିଥ୍ୟା ମାମଲାରେ ଫସାଇ ଦେଇଥିଲା।

୭.  ଦୌରା ଜଜ (ସେସନ୍ସ କୋର୍ଟ) ୩୦ ମାର୍ଚ୍ଚ, ୨୦୧୫ ରେ ଦେଇଥିବା ରାୟ ଅନୁଯାୟୀ ଅଭିଯୋଗ ପକ୍ଷ   ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ଏହି ମାମଲାକୁ ସଫଳତାର ସହ  ପ୍ରମାଣିତ କରିପାରିଥିବାରୁ ଅଭିଯୁକ୍ତ ଆବେଦନକାରୀ ଏବଂ ସେମାନଙ୍କ ଝିଅକୁ ଉପରୋକ୍ତ ଧାରା ଅଧୀନରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିରେ ଅସନ୍ତୁଷ୍ଟ ହୋଇ, ଆବେଦନକାରୀ ଏବଂ ସେମାନଙ୍କ ଝିଅ ନିମ୍ନ ଅଦାଲତଙ୍କ ରାୟ ବିରୁଦ୍ଧରେ ଉଚ୍ଚନ୍ୟାୟଳୟରେ ଆପତ୍ତି କରିଥିଲେ। ଝିଅ ଘଟଣାସ୍ଥଳରେ ଉପସ୍ଥିତ ନଥିବା କାରଣରୁ ଉଚ୍ଚ ନ୍ୟାୟଳୟ ରାୟ ଶୁଣାଇବା ସମୟରେ ତାଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଥିଲେ । ବାସ୍ତବିକ ଘଟଣାରେ ତାଙ୍କର କୌଣସି ଭୂମିକା ନ ଥିବାରୁ ତାଙ୍କୁ ଅପରାଧ ପାଇଁ ଉସୁକାଇଥିବା କଥା କୁହାଯାଇ ପାରିବ ନାହିଁ । ଅପରପକ୍ଷରେ ଅଭିଯୁକ୍ତ ଆବେଦନକାରୀଙ୍କ ଦଣ୍ଡାଦେଶକୁ ଉଚ୍ଚ ନ୍ୟାୟାଳୟ ସୁନିଶ୍ଚିତ

କରିଥିଲେ । ହାଇକୋର୍ଟ କହିଥିଲେ ଯେ ଆବେଦନକାରୀ ଏବଂ ମୃତକଙ୍କ ମଧ୍ୟରେ କିଛି କଥାବାର୍ତ୍ତା ହୋଇଥିଲା, ଯାହା ଫଳରେ ଆକ୍ରମଣର ସୂତ୍ରପାତ ହୋଇଥିଲା।ପରବର୍ତ୍ତୀ ସମୟରେ ଏହା ମଧ୍ୟ ଦେଖିବାକୁ ମିଳିଥିଲା ଯେ ମୃତ ବ୍ୟକ୍ତି କୌଣସି ନା କୌଣସି ଭାବେ ଆବେଦନକାରୀଙ୍କ ଦ୍ୱାରା ପରାସ୍ତ ହୋଇଯାଇଥିଲେ ଏବଂ ସେ ନିରସ୍ତ୍ର ଥିଲେ।ଏହା ପରେ, ଉଭୟ ଆବେଦନକାରୀ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ ଏବଂ ଚିହ୍ନଟ କରିବାରେ ବାଧା ସୃଷ୍ଟି କରିବା ପାଇଁ ତାଙ୍କ ଉପରେ ଏସିଡ୍ ଢ଼ାଳିଥିଲେ । ତଥାପି, ଅତିରିକ୍ତ ପ୍ରମାଣରୁ ଗମ୍ଭୀର ଏବଂ ଆକସ୍ମିକ ଉତ୍ତେଜନାର ଦୃଢ଼ ସମ୍ଭାବନା ଦୃଶ୍ୟମାନ ଥିବା କାରଣରୁ ଭାରତୀୟ ଦଣ୍ଡ ବିଧାନ ଧାରା ୩୦୨ ପରିବର୍ତ୍ତେ ପରେ ଭାରତୀୟ ଦଣ୍ଡ ବିଧାନ ଧାରା ୩୦୪ (୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା ପରେ ଉଭୟ ଅଭିଯୁକ୍ତଙ୍କୁ ପାଞ୍ଚ ବର୍ଷର କଠୋର କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା।

**<u>ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଯୁକ୍ତି</u>**

୮. ଏଠାରେ ଆବେଦନକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ସ୍ୱଷ୍ଟ ପ୍ରମାଣ ଅଭାବ ଥିବା ହେତୁ ବିବାଦୀୟ ଅଭିଯୁକ୍ତଙ୍କ ଅପରାଧକୁ ସୂଚାଇବାକୁ ଆଧାର କରାଯାଇଥିବା ପ୍ରମାଣ ଅଧିନିୟମର ଧାରା ୧୦୬ କୁ ଭୁଲ ବୁଝାମଣା କରାଯାଇଛି । ଅଭିଯୋଗ ପକ୍ଷ ନିଜର ମାମଲାକୁ ଯୁକ୍ତିସଙ୍ଗତ ସନ୍ଦେହର ଉର୍ଦ୍ଧ୍ବରେ ପ୍ରମାଣିତ କରିବାରେ ବିଫଳ ହୋଇଛନ୍ତି ଏବଂ ସେଥିପାଇଁ ପ୍ରମାଣ ଭାର ବହନ କରିବାରେ ବିଫଳ ହୋଇଛନ୍ତି । ଅଭିଯୋଗ ପକ୍ଷ ଯୁକ୍ତିସଙ୍ଗତ ସନ୍ଦେହର ଉର୍ଦ୍ଧ୍ବରେ ନିଜର ମାମଲା ପ୍ରମାଣ କରିବାରେ ବିଫଳ ହୋଇଥିବାରୁ ଉଚ୍ଚ ନ୍ୟାୟାଳୟ ପ୍ରମାଣ ଆଇନର ଧାରା ୧୦୬ କୁ ପ୍ରତିସ୍ଥାପିତ କରି ଅଭିଯୋଗ ପକ୍ଷ ଉପରେ ପ୍ରମାଣ ଦାୟିତ୍ୱ ନିର୍ବାହ କରିପାରିବେ ନାହିଁ । ତେଣୁ ଏଠାରେ ଦିଆଯାଇଥିବା ରାୟ ଶମ୍ଭୁନାଥ ମେହରା ବନାମ ଆଜମେର ରାଜ୍ୟ[1] ମାମଲାରେ ନିର୍ଦ୍ଧାରିତ ହୋଇଥିବା ଆଇନର ବିରୋଧ କରୁଛି।

୯. ଉପରନ୍ତୁ ଉଚ୍ଚ ନ୍ୟାୟାଳୟ ପରିସ୍ଥିତିଗତ ପ୍ରମାଣ ଉପରେ ସମ୍ପୂର୍ଣ୍ଣ ଭରସା କରି ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଭୁଲ କରିଛନ୍ତି।ଏହା ବ୍ୟତୀତ କୌଣସି ପ୍ରତ୍ୟକ୍ଷଦର୍ଶୀ ନଥିବା କ୍ଷେତ୍ର ରେ ଉଚ୍ଚ ନ୍ୟାୟଳୟ ମଧ୍ୟ ମୃତକଙ୍କ ମୃତ୍ୟୁର ବିବାଦୀୟ ସମୟ ସମ୍ପର୍କରେ ଆବେଦନକାରୀଙ୍କ ଯୁକ୍ତିକୁ ଖାରଜ କରିଦେଇ ଭୁଲ କଲେ ।

୧୦. ଏହା ମଧ୍ୟ କୁହାଯାଉଛି ଯେ ଡାକ୍ତରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟ ଅନୁଯାୟୀ, ଆବେଦନକାରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ସମୟରେ ମୃତକଙ୍କ ମୃତ୍ୟୁ ଘଟିଥିଲା, କାରଣ ସେମାନେ ମୃତକଙ୍କ ଦ୍ୱାରା ଆକ୍ରମିତ ହୋଇ ଆହତ ହୋଇଥିଲେ । ଅଧିକନ୍ତୁ, ସିଆରପିସିର ଧାରା ୩୧୩ ଅଧୀନ ରେ ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତର ଉପରେ ନିର୍ଭରଶୀଳତା ଭୁଲ,କାରଣ ସିଆରପିସିର ଧାରା ୩୧୩ ଅଧିନସ୍ଥ ପ୍ରଶ୍ନର ଉତ୍ତର ପ୍ରମାଣ ଭାବେ ଗ୍ରହଣୀୟ ନୁହେଁ ଏବଂ ଅଭିଯୋଗର ପକ୍ଷ ଏହାକୁ ବିଶ୍ୱାସ କରିପାରିବେ ନାହିଁ।

[ଦେବେନ୍ଦ୍ର କୁମାର ସିଙ୍ଗଲା ବନାମ ବଲଦେବ କ୍ରିଷ୍ଣନ ସିଙ୍ଗଲା, (୨୦୦୫) ୯ ଏସସିସି ୧୫ ଏବଂ ମୋହନ ସିଂହ ବନାମ ପ୍ରେମ ସିଂହ ଏବଂ ଅନ୍ୟ, (୨୦୦୨) ୧୦ ଏସସିସି ୨୩୬ ଦେଖନ୍ତୁ । ]

୧୧. ଶେଷରେ ଏହା ଉପସ୍ଥାପନ କରାଯାଇଥିଲା ଯେ ମୃତକଙ୍କ ମୃତ୍ୟୁ ଘଟିବା ଘଟଣାରେ ଆବେଦନକାରୀଙ୍କ ଅଂଶଗ୍ରହଣକୁ ସୂଚିତ କରୁଥିବା କୌଣସି ବ୍ୟକ୍ତିଗତ ଘଟଣା ଉପରେ ନିର୍ଭର କରିବାରେ ଉଚ୍ଚ ନ୍ୟାୟାଳୟ ବିଫଳ ହୋଇଥିଲେ । ତେଣୁ ଏହି ରାୟରେ ମୃତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଘଟଣାରେ ଆବେଦନକାରୀଙ୍କ ଭାଗିଦାରୀକୁ ସୂଚାଉଥିବା କୌଣସି ପ୍ରାଥମିକ ପ୍ରମାଣ ତଥ୍ୟର ଅଭାବ ରହିଛି ।

**<u>ପ୍ରତିବାଦୀ-ରାଜ୍ୟ ଦ୍ୱାରା କରାଯାଇଥିବା ଯୁକ୍ତି</u>**

୧୨. ଏହିଠାରେ ବିପକ୍ଷଙ୍କ ଦ୍ୱାରା ଏହା ଦାଖଲ କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଗ୍ରହଣକରାଯାଇଥିବା ତଥ୍ୟ, ବିଶ୍ୱାସଯୋଗ୍ୟ ପ୍ରମାଣ, ପକ୍ଷଙ୍କ ମଧ୍ୟରେ ସମ୍ପର୍କ, ବିଶେଷ କରି ମୃତ ଏବଂ ଆବେଦନକାରୀଙ୍କ ଝିଅ ମଧ୍ୟରେ ସମ୍ପର୍କ, ସେମାନଙ୍କ ଟେଲିଫୋନ ସମ୍ପର୍କ, ମୃତ ବ୍ୟକ୍ତିଏବଂ ଆବେଦନକାରୀଙ୍କ ଝିଅ ମଧ୍ୟରେ ଅର୍ଥର ଆଦାନପ୍ରଦାନ, ମୃତକଙ୍କ ହତ୍ୟାକାଣ୍ଡର ତାରିଖ, ସ୍ଥାନ ଏବଂ ସମୟ, ଏବଂ ଅଭିଯୁକ୍ତ

---

[1] ୧୯୫୬ ଏସ ସି ଆର ୧୯୯

ଆବେଦନକାରୀଙ୍କର  ଘରର ଭଡା ଦିଆଯାଇଥିବା  ଅଂଶରେ ଉପସ୍ଥିତି ଉପରେ ନିର୍ଭର କରି ଠିକ୍ ଭାବେ ମତ ଦେଇଛନ୍ତି ଯେ ଏହି ଘଟଣା ସେହି ସମୟରେ ଏବଂ ସ୍ଥାନରେ ଘଟିଥିଲା ଯେଉଁଠାରେ ଆବେଦନକାରୀ ନିଶ୍ଚିତ ଭାବେ ସମ୍ପୃକ୍ତ ଥିଲେ ।

୧୩. ଏହାଛଡା  ଏହା ସଠିକ ଭାବେ ପରିଲକ୍ଷିତ ଯେ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଦେବାରେ ପ୍ରଥମ ପର୍ଯ୍ୟାୟର ସାକ୍ଷୀମାନଙ୍କର ଦାବି ବିଫଳ ହୋଇଥିଲା । ଅଧିକନ୍ତୁ,ଏଠାରେ ଖଣ୍ଡନ କରାଯାଇଥିବା ରାୟ ଅନୁସାରେ, ଏହା ସଠିକ୍ ଭାବେ କୁହାଯାଇଥିଲା ଯେ ଦ୍ୱିତୀୟ ପର୍ଯ୍ୟାୟର ସାକ୍ଷୀଙ୍କ ସଂସ୍କରଣ ଅଧିକ ବିଶ୍ୱାସଯୋଗ୍ୟ ଥିଲା କାରଣ ଏହା ମୃତ ବ୍ୟକ୍ତି ଏବଂ ଆବେଦନକାରୀଙ୍କ ମଧ୍ୟରେ ସମ୍ପର୍କକୁ ପ୍ରତିଷ୍ଠିତ କରିଥିଲା, ଯାହା କିଛି ମାତ୍ରାରେ ଏଠାରେ ଆବେଦନକାରୀଙ୍କ ସ୍ୱାମୀ ଏବଂ ଝିଅ ଦ୍ୱାରା ଗ୍ରହଣ କରାଯାଇଥିଲା।

୧୪. ଏହା ମଧ୍ୟ ତର୍କ କରାଯାଇଛି  ଯେ ତଥ୍ୟ ଏବଂ ରେକର୍ଡରେ ଥିବା ତଥ୍ୟର ଅନୁଧ୍ୟାନରୁ ଏହା ସ୍ପଷ୍ଟ ଯେ ଅପରାଧ ସମୟରେ ଆବେଦନକାରୀ ବ୍ୟତୀତ ଅନ୍ୟ କେହି ଅପରାଧ ଦୃଶ୍ୟପଟରେ ଉପସ୍ଥିତ ନଥିଲେ ଏବଂ ସେଥିପାଇଁ ଆବେଦନକାରୀଙ୍କ ବିଶେଷ ସାକ୍ଷ୍ୟ ଥିବା ହେତୁ ପ୍ରମାଣ ଅଧିନିୟମର ଧାରା ୧୦୬ ର ବିଚାରାର୍ଥେ ପ୍ରେରଣ ସଠିକ ଭାବେ ରଖାଯାଇଛି। ନିମ୍ନ ଅଦାଲତ, ରାଜେନ୍ଦ୍ର କୁମାର ବନାମ ରାଜସ୍ଥାନ ରାଜ୍ୟ [2]  ମାମଲାରେ ଏହି ନ୍ୟାୟାଳୟର ରାୟ ଉପରେ ଅଭିଯୋଜନର ନିର୍ଭରଶୀଳତାକୁ ସୁନିଶ୍ଚିତ କରିବା ସମୟରେ, ପ୍ରମାଣ ଅଧିନିୟମର ଧାରା ୧୦୬ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ତେଣୁ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଯୁକ୍ତି ଯେ ଧାରା ୧୦୬ ଉପରେ ଅଭିଯୋଗ ପକ୍ଷ  ଆସ୍ଥା ରଖି ନାହାନ୍ତି ଉକ୍ତିଟି ଭ୍ରମପୂର୍ଣ୍ଣ ଅଟେ।

୧୫. ଏହି ନ୍ୟାୟାଳୟ ତ୍ରିମୁଖ ମାରୋତି କିର୍କାନ ବନାମ ମହାରାଷ୍ଟ୍ର ରାଜ୍ୟ [3] ମାମଲାରେ ନିଜର ରାୟରେ ଏହା ମଧ୍ୟ କହିଛନ୍ତି :-

> "୧୫. ଯେତେବେଳେ କୌଣସି ଘର ଭିତରେ ଗୋପନୀୟତାରେ ହତ୍ୟା ଭଳି ଅପରାଧ କରାଯାଇଥାଏ, ତେବେ ଏହି ମାମଲା ପ୍ରତିଷ୍ଠା କରିବାର ପ୍ରାରମ୍ଭିକ ଦାୟିତ୍ୱ ନିଶ୍ଚିତ ଭାବେ ଅଭିଯୋଜନ ଉପରେ ପଡ଼ିଥାଏ, କିନ୍ତୁ ଅଭିଯୋଗ ସ୍ଥାପନା କରିବା ପାଇଁ ଏହାର ପ୍ରମାଣର ପ୍ରକୃତି ଏବଂ ପରିମାଣ ସେତିକି ହୋଇପାରିବ ନାହିଁ ଯେତିକି  ଅନ୍ୟ ମାମଲାରେ ପରିସ୍ଥିତିଗତ ପ୍ରମାଣର ଆବଶ୍ୟକ ହୋଇଥାଏ।ଏହି ଭାର ଅପେକ୍ଷାକୃତ ହାଲୁକା ହେବାପ୍ରମାଣ ଅଧିନିୟମର ୧୦୬ ଧାରା ଅନୁସାରେ  ଅପରାଧ କିପରି ଘଟିଲା ସେ ସମ୍ପର୍କରେ ଗୃହରେ ରହୁଥିବା ଅନ୍ତେବାସୀଙ୍କୁ ବିଶ୍ୱାସଯୋଗ୍ୟ ସ୍ପଷ୍ଟୀକରଣ ଦେବାକୁ  ପଡ଼ିବା।ଘରର ଅନ୍ତେବାସୀମାନେ କେବଳ ଚୁପ୍ ହୋଇ ରହି ପାରିବେ ନାହିଁ ଏବଂ ତଥାକଥିତ ଆଧାର ଉପରେ କୌଣସି ସ୍ପଷ୍ଟୀକରଣ ନ ଦେଇ କହି  ପାରିବେ ନାହିଁ ଯେ ନିଜର ମାମଲା ପ୍ରତିଷ୍ଠା କରିବାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ଅଭିଯୋଜନ ପକ୍ଷ ଉପରେ ରହିଛି ଏବଂ ଅଭିଯୁକ୍ତଙ୍କ କୌଣସି ସ୍ପଷ୍ଟୀକରଣ ଦେବା କର୍ତ୍ତବ୍ୟ ନୁହେଁ।"

୧୬. ଅଧିକନ୍ତୁ, ଚିକିତ୍ସା ବିଶେଷଜ୍ଞଙ୍କ ବୟାନ (ପି.ଡବ୍ଲ୍ୟୁ.-୬) ଅନୁସାରେ, ଏହା କେଉଁଠି ମଧ୍ୟ ଉଲ୍ଲେଖ କରାଯାଇ ନାହିଁ ଯେ ଆବେଦନକାରୀମାନେ ଡାକ୍ତରଖାନାରେ ଆହତ ହୋଇ ପଡ଼ିଥିବା ବେଳେ ମୃତକଙ୍କର ମୃତ୍ୟୁ ହୋଇଥିଲା । ଅଧିକନ୍ତୁ, ସମସ୍ତ ସାକ୍ଷୀଙ୍କ ବକ୍ତବ୍ୟର ସାମଞ୍ଜସ୍ୟ ରହିଛି ଏବଂ କ୍ଷୁଦ୍ର ବିରୋଧକୁ  ଆଧାର କରି ଅଭିଯୋଜନଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିବା ସାକ୍ଷ୍ୟକୁ ଖଣ୍ଡନ କରାଯାଇ ପାରିବ ନାହିଁ।

ତେଣୁ କରି ତଥ୍ୟଗୁଡିକର ଅବଲୋକନ ମାତ୍ରେ ନିର୍ଣ୍ଣାୟକ ଭାବରେ  ଏହା ପ୍ରମାଣ କରା ଯାଇପାରିବ ଯେ ଅଭିଯୋଗ ପକ୍ଷ ଯୁକ୍ତିସଙ୍ଗତ ସନ୍ଦେହ ଊର୍ଦ୍ଧ୍ୱ ରେ ଘଟଣାକ୍ରମର  ଶୃଙ୍ଖଳାକୁ  ସଫଳତାର ସହ ସ୍ଥାପନ କରିଛନ୍ତି । ମୃତ ବ୍ୟକ୍ତିଙ୍କୁ  ଆବେଦନକାରୀମାନେ ଶ୍ୱାସରୁଦ୍ଧ କରି ମାରିଛନ୍ତି  ଏବଂ ତାଙ୍କ ମୃତ୍ୟୁ ପରେ ତାଙ୍କ ଶରୀର ଉପରେ ଏସିଡ ଢାଳି  ତାଙ୍କର ପରିଚୟ ଲୁଚାଇବା ପାଇଁ ପ୍ରୟାସ  କରିଥିଲେ ।

**ବିଶ୍ଳେଷଣ**

୧୭. ଏଠାରେ ଆବେଦନକାରୀ ଏବଂ ପ୍ରତିବାଦୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରାସଙ୍ଗିକ ତଥ୍ୟ ଏବଂ ଯୁକ୍ତିକୁ ବିଚାର କରିବା ପରେ, ଆମର ବିଚାରାଧୀନ ମତରେ, ଏହି ମାମଲାରେ ଯେଉଁ ପ୍ରମୁଖ ପ୍ରସଙ୍ଗ ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି ତାହା ହେଉଛି ଅଭିଯୋଜନ ପକ୍ଷ

[2] (୨୦୦୩) ୧୦ ଏସସିସି ୨୧

[3] (୨୦୦୬) ୧୦ ଏସସିସି ୬୮୧

ଏହାର ପ୍ରମାଣର ଦାୟିତ୍ୱକୁ ସଫଳତାର ସହ ଉପସ୍ଥାପନ କରିପାରିଛନ୍ତି କି ନାହିଁ ଏବଂ ପ୍ରମାଣ ଅଧିନିୟମର ଧାରା ୧୦୬ ର ପ୍ରୟୋଗକୁ ଆକର୍ଷିତ କରିବା ପାଇଁ ଘଟଣାକ୍ରମକୁ ସଫଳତାର ସହ ଉପସ୍ଥାପନ କରିଛନ୍ତି କି ନାହିଁ।

୧୮.ପ୍ରମାଣ ଅଧିନିୟମର ଧାରା ୧୦୬ ରେ କୁହାଯାଇଛି ଯେ କୌଣସି ବ୍ୟକ୍ତିଙ୍କ ସ୍ୱତନ୍ତ୍ର ଜ୍ଞାନ ମଧ୍ୟରେ ଥିବା ବିଷୟକୁ ପ୍ରମାଣିତ କରିବାର ଭାର ସେହି ବ୍ୟକ୍ତିଙ୍କ ଉପରେ ପଡ଼ିଥାଏ।ଯଦିଓ ଏହି ଧାରା କୌଣସି ପ୍ରକାରରେ ଅଭିଯୋଜନଙ୍କୁ ପ୍ରମାଣର ଦାୟିତ୍ୱ ନିର୍ବାହ କରିବାରେ ଯୁକ୍ତିସଙ୍ଗତ ସନ୍ଦେହର ଊର୍ଦ୍ଧ୍ୱରେ ଦୋଷମୁକ୍ତ କରିନଥାଏ, ଏହା କେବଳ ଏତିକି ନିର୍ଦ୍ଧାରଣ କରିଥାଏ ଯେ ଯଦି ଜଣେ ବ୍ୟକ୍ତି ପରିସ୍ଥିତି ଦର୍ଶାଉଥିବା କାର୍ଯ୍ୟ ଛାଡ଼ି ଅନ୍ୟ ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିଥାଏ, ସେତେବେଳେ ସେହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ପ୍ରମାଣିତ କରିବାର ଦାୟିତ୍ୱ ତାଙ୍କ ଉପରେ ପଡିଥାଏ ଏବଂ ଅଭିଯୋଗ ପକ୍ଷ ଉପରେ ନୁହେଁ ।ଯଦି ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ପ୍ରକୃତ ତଥ୍ୟ ବିଶେଷ କରି ତାଙ୍କ ଜ୍ଞାନର ପରିସରରେ ଯାହା ରହିଛି ତାହାଠାରୁ ଭିନ୍ନ ଥିଲା ତେବେ ତାଙ୍କୁ ପ୍ରମାଣ କରିବାକୁ ପଡ଼ିବ।

୧୯. ଏହିପରି, ଯଦିଓ ଧାରା ୧୦୬ ର ଅଭିଯୋଜନଙ୍କୁ ଅଭିଯୁକ୍ତଙ୍କ ଅପରାଧ ପ୍ରମାଣିତ କରିବା ଦାୟିତ୍ୱ ରୁ ମୁକ୍ତି ଦେବା ଉଦ୍ଦେଶ୍ୟ ନୁହେଁ, ଏହା ସେହି କ୍ଷେତ୍ର ରେ ଲାଗୁ ହୋଇଥାଏ ଯେଉଁଠାରେ ଅଭିଯୋଗ ପକ୍ଷ ସଫଳତାପୂର୍ବକ ସ୍ଥାପିତ କରିଥିବା ଘଟଣା ଶୃଙ୍ଖଳାରୁ ଅଭିଯୁକ୍ତଙ୍କ ବିରୋଧରେ କିଛି ଯୁକ୍ତିସିଦ୍ଧ ଅନୁମାନ ଲଗାଯାଇପାରେ ।କେବଳ ଏତିକି ନୁହେଁ, ପରିସ୍ଥିତିଗତ ପ୍ରମାଣ ଆଧାରରେ କୌଣସି ମାମଲାରେ ଯେତେବେଳେ ଅଭିଯୁକ୍ତଙ୍କୁ କୌଣସି ଦୋଷାରୋପ କରି ପ୍ରଶ୍ନ ପଚରାଯାଏ ଏବଂ ସେ ଉତ୍ତର ଦେବାକୁ ଟାଳନ୍ତି କିମ୍ବା ଯାହା ଉତ୍ତର ଦିଅନ୍ତି ତାହା ସତ୍ୟ ନୁହେଁ, ସେତେବେଳେ ଏପରି ଉତ୍ତର ଘଟଣା ଶୃଙ୍ଖଳାର ଅତିରିକ୍ତ ଯୋଗସୂତ୍ର ହୋଇଥାଏ । [ଦେଖନ୍ତୁ ତ୍ରିମୁଖ ମାରୋତି କିର୍କାନ ବନାମ ମହାରାଷ୍ଟ୍ର ରାଜ୍ୟ, (୨୦୦୬) ୧୦ ଏସସିସି ୬୮୧]

୨୦.ଏହି ମାମଲାର ବିଚାର କରି ଉଚ୍ଚନ୍ୟାୟାଳୟ ଉଭୟ ଆବେଦନକାରୀଙ୍କୁ ଆଇପିସିର ଧାରା ୩୦୪ (୨), ୨୦୧ ଏବଂ ଧାରା ୩୪ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହା ଦେଖା ଯାଇଛି ଯେ ଅପିଲକାରୀ ମାନେ ମୃତକଙ୍କୁ ଗଳାଚିପି ହତ୍ୟା କରିଛନ୍ତି ଏବଂ ପରିଚୟ ଗୋପନ ରଖିବା ଉଦ୍ଦେଶ୍ୟରେ ତା ଶରୀର ଉପରେ ଏସିଡ ଢାଳିଛନ୍ତି । ପକ୍ଷଙ୍କ ପ୍ରାସଙ୍ଗିକ ଉପସ୍ଥାପନ ଏବଂ ସେଥି ସହିତ ଦିଆଯାଇଥିବା ପ୍ରମାଣକୁ ନିମ୍ନରେ ଆଲୋଚନା କରାଯାଇଛି :

୨୧. ପ୍ରଥମତଃ, ପି.ଡବ୍ଲ୍ୟୁ ୯ (ଜମିଦାର) ଙ୍କ ବିବୃତି ଉପରେ ଆସ୍ଥା ରଖାଯାଇଥିଲା, ଯେଉଁଥିରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା ଯେ ଅଭିଯୁକ୍ତ ଆବେଦନକାରୀଙ୍କୁ ଆନ୍ତଃସଂଯୁକ୍ତ ଦ୍ୱାରରୁ ଉଦ୍ଧାର କରାଯିବା ପରେ, ଅଭିଯୁକ୍ତ ଆବେଦନକାରୀଙ୍କ ଘରେ ପୁଲିସ ସଦସ୍ୟମାନେ ହିଁ ପ୍ରଥମେ ପ୍ରବେଶ କରିଥିଲେ , ମୃତ ବ୍ୟକ୍ତି ସେତେବେଳେ ଘର ଭିତରେ ଥିଲେ । ଏଣୁ ପି ଡବ୍ଲ୍ୟୁ ୯ ର ବୟାନରୁ ଏହା ଅନୁମାନ କରାଯାଇପାରେ ଯେ ମୃତକଙ୍କ ମୃତ୍ୟୁ ସମୟରେ, କେବଳ ଅଭିଯୁକ୍ତ ଆବେଦନକାରୀମାନେ ଘର ଭିତରେ ଉପସ୍ଥିତ ଥିଲେ । ଅଧିକନ୍ତୁ, ବହୁ ସଂଖ୍ୟକ ଲୋକ ପ୍ରକୃତରେ ମୃତ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ ଏବଂ ତାଙ୍କ ମୁହଁକୁ ନଷ୍ଟ କରିଦେଇଥିଲେ ବୋଲି ଆବେଦନକାରୀଙ୍କ ଦାବିକୁ ସମର୍ଥିତ କରୁଥିବା ସାରବାନ୍ ସାକ୍ଷ୍ୟ ଅଭାବରୁ ଏହାକୁ ଉଚ୍ଚ ନ୍ୟାୟାଳୟ ଖଣ୍ଡନ କରିବା ଉଚିତ ହୋଇଛି।

୨୨. ଏହାପରେ, ମୃତ ବ୍ୟକ୍ତିଙ୍କ ଭଉଣୀ ଗୀତାଞ୍ଜଳି ରଣା (ପି.ଡବ୍ଲ୍ୟୁ ୧୨) ଙ୍କ ବୟାନ ଉପରେ ଅଧିକନ୍ତୁ ନିର୍ଭର କରାଯାଉଛି, ଯିଏକି କହିଥିଲେ ଯେ ମୃତ ବ୍ୟକ୍ତି ଜଣେ ସୁନା ଦୋକାନୀ ଥିଲେ। ସେ ଆହୁରି କହିଥିଲେ ଯେ ମୃତ ବ୍ୟକ୍ତିଙ୍କର ଆବେଦନକାରୀଙ୍କ ଝିଅ ସହିତ ପ୍ରେମ ସମ୍ପର୍କ ଥିଲା ଏବଂ ସେ ମାସରେ ଥରେ କିମ୍ବା ଦୁଇ ଥର ଘରକୁ ଆସୁଥିଲେ । ଏହା ମଧ୍ୟ କୁହାଯାଇଥିଲା ଯେ ମୃତ ବ୍ୟକ୍ତି ଆବେଦନକାରୀଙ୍କ ଝିଅ (ଅଭିଯୁକ୍ତ ନଂ. ୩) କୁ ୭୦, ୦୦୦/- ଟଙ୍କା ପ୍ରଦାନ କରିଥିଲେ କାରଣ ସେ ତାଙ୍କ ସହାୟତା ମାଗିଥିଲେ। ଅଭିଯୁକ୍ତ ନମ୍ବର ୩ କୁ ବିବାହ କରିବା ଲାଗି ମୃତ ବ୍ୟକ୍ତି ଙ୍କ ମନରେ ଇଚ୍ଛା ଥିଲା, କିନ୍ତୁ ବ୍ୟାଙ୍କରେ ଚାକିରି ପାଇବା ପରେ ଝିଅ ମୃତକଙ୍କୁ ଏଡ଼ାଇବାକୁ ଲାଗିଲା ଏବଂ ତାଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଲା । ମୃତକଙ୍କ ଭଉଣୀ ତାଙ୍କ ବୟାନରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ତାଙ୍କ ଭାଇ ମୃତ୍ୟୁ ପୂର୍ବରୁ ସେ ଆବେଦନକାରୀଙ୍କ ଝିଅ ସହିତ ଫେରିବେ କିମ୍ବା ତାଙ୍କ ଟଙ୍କା ଫେରସ୍ତ ନେଇ ଆସିବେ ବୋଲି କହି ଘରୁ ବାହାରି ଯାଇଥିଲେ।ଏହି ବିବୃତିକୁ ପି.ଡବ୍ଲ୍ୟୁ ୭ ଏବଂ ୮ ଦ୍ୱାରା , ଯେ କି ମୃତକଙ୍କ ଯଥାକ୍ରମେ ବନ୍ଧୁ ଏବଂ ସମ୍ପର୍କୀୟ ଭାଇ ଥିଲେ, ଆହୁରି ନିଶ୍ଚିତ କରାଯାଇଥିଲା।ତେଣୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏହା ଠିକ୍ ଭାବେ କୁହାଯାଇଛି ଯେ ଏହି ଦ୍ୱିତୀୟ ପର୍ଯ୍ୟାୟ ସାକ୍ଷୀମାନଙ୍କର ବୟାନ ଅପରାଧ ଘଟାଇବାର ଉଦ୍ଦେଶ୍ୟକୁ ସ୍ପଷ୍ଟ ଭାବେ ସୂଚାଉଛି । ଏହା ଅଭିଯୁକ୍ତ ଆବେଦନକାରୀମାନେ ମୃତ ବ୍ୟକ୍ତିଙ୍କୁ ଜାଣିନଥିବା ଦାବିକୁ

ମିଥ୍ୟା ବୋଲି ମଧ୍ୟ ପ୍ରମାଣିତ କରେ , ବିଶେଷ କରି ସେମାନଙ୍କ ଝିଅ (ଅଭିଯୁକ୍ତ ନଂ.୩) ଯେତେବେଳେ ତାଙ୍କ ବୟାନରେ ସ୍ୱୀକାର କରିଛନ୍ତି ଯେ ମୃତ ବ୍ୟକ୍ତି ଆବେଦନକାରୀଙ୍କ ଘରକୁ ଆସୁଥିଲେ।

୨୩. ଏହାବ୍ୟତୀତ ଡାକ୍ତରୀ ବିଶେଷଜ୍ଞ (ପି.ଡବ୍ଲ୍ୟୁ -୬) ଙ୍କ ବୟାନ ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ, ଯେଉଁଥିରେ କୁହାଯାଇଛି ଯେ ମୃତ ବ୍ୟକ୍ତିଙ୍କ ବେକର ନିମ୍ନଭାଗ ସଂକୁଚିତ ହେବା କାରଣରୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିଲା, ଯାହା ଫଳରେ ଶ୍ୱାସନଳୀର ଉପରଭାଗ ବନ୍ଦ ହୋଇଯାଇଥିଲା । ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଦୁଇ କିମ୍ବା ଅଧିକ ଲୋକ ଆକ୍ରମଣ କରିଥିଲେ ଏବଂ ଏହି ଆଘାତ ନରହତ୍ୟାକାରୀ ବୋଲି ମତ ଦେଇଥିଲେ ।

୨୪. ବର୍ତ୍ତମାନର ମାମଲାରେ, ଅଭିଯୋଜନ ପକ୍ଷ ଆବେଦନକାରୀଙ୍କ ଅପରାଧ ଘଟାଇବାର ଉଦ୍ଦେଶ୍ୟକୁ ସିଦ୍ଧ କରିବାରେ ସଫଳ ହୋଇଥିଲେ । ଯେତେବେଳେ ସମସ୍ତ ସାକ୍ଷୀଙ୍କ ଦ୍ୱାରା ଦିଆଯାଇଥିବା ବୟାନ ଏବଂ ପ୍ରାସଙ୍ଗିକ ସ୍ଥାନ ଏବଂ ସମୟରେ ମୃତ ବ୍ୟକ୍ତିଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା ମରଣାନ୍ତକ କ୍ଷତ ଆଧାରରେ ଏହିପ୍ରକାର ଉଦ୍ଦେଶ୍ୟକୁ ବିଶ୍ଳେଷଣ କରାଯାଏ , ତେବେ ନିଶ୍ଚିତ ଭାବେ ମୃତ ବ୍ୟକ୍ତିଙ୍କ ମୃତ୍ୟୁ ପ୍ରକୃତରେ ଆବେଦନକାରୀଙ୍କ ଦ୍ୱାରା ହୋଇଥିଲା ବୋଲି ଏକ ଦୃଢ଼ ମାମଲା ପ୍ରସ୍ତୁତ କରୁଛି । ତେଣୁ, ଯେତେବେଳେ ଅଭିଯୋଜନ ଥରେ ଘଟଣାକ୍ରମକୁ ସଫଳ ଭାବରେ ସ୍ଥାପନ କରିଥିଲେ, ଏହାକୁ ଅନ୍ୟଥା ପ୍ରମାଣ କରିବା ପାଇଁ ଆବେଦନକାରୀଙ୍କ ଉପରେ ଚାପ ପଡ଼ିଥିଲା । ତେଣୁକରି ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବେ କହିଥିଲେ ଯେ ପ୍ରମାଣ ଅଧିନିୟମର ଧାରା ୧୦୬ କୁ ଦୃଷ୍ଟିରେ ରଖି ମୃତ ବ୍ୟକ୍ତିଙ୍କ ଜୀବନ କିପରି ଗଲା ତାହା ପ୍ରମାଣ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ଏବେ ଆବେଦନକାରୀଙ୍କ ଉପରେ ରହିଛି।

୨୫.ପୁନଶ୍ଚ, ଅଶୋକ ବନାମ ମହାରାଷ୍ଟ୍ର ରାଜ୍ୟ [4] ମାମଲାରେ ଏହି ନ୍ୟାୟାଳୟ ନିମ୍ନଲିଖିତ ମତ ରଖିଛନ୍ତି :

> "୧୨. ଉପରୋକ୍ତ ରାୟର ଅଧ୍ୟୟନ ଏବଂ ଏହି ନ୍ୟାୟାଳୟ ଦ୍ୱାରା ଅନେକ ବର୍ଷ ଧରି ଦିଆଯାଇଥିବା ଅନ୍ୟାନ୍ୟ ରାୟର ଅଧ୍ୟୟନରୁ ଏହି ନିୟମର ସାରମର୍ମ ସଂକ୍ଷେପରେ କୁହାଯାଇପାରେ ଯେ ଅଭିଯୁକ୍ତଙ୍କ ଦୋଷକୁ ସୂଚାଇ ପ୍ରାଥମିକ ପ୍ରମାଣ ଆଣିବା ପାଇଁ ଅଭିଯୋଗ ପକ୍ଷ ଉପରେ ପ୍ରାରମ୍ଭିକ ଚାପ ରହିଛି।ତେବେ ଶେଷଥର ପାଇଁ ମିଳିତ ଭାବେ ଦେଖିବାରେ ଅଭିଯୋଜନ ପକ୍ଷଙ୍କୁ ପ୍ରକୃତ ଘଟଣା କଣ ଏହା ସାବ୍ୟସ୍ତ କରିବାଠାରୁ ଛାଡ଼ ଦିଆଗଲା , କାରଣ ଅଭିଯୁକ୍ତଙ୍କର ଏହି ଘଟଣା ବିଷୟରେ ବିଶେଷ ଧାରଣା ଥିବ ଏବଂ ପ୍ରମାଣ ଅଧିନିୟମର ଧାରା ୧୦୬ ଅନୁଯାୟୀ ପ୍ରମାଣ ପ୍ରଦାନ କରିବାର ଦାୟିତ୍ୱ ତାଙ୍କ ଉପରେ ରହିବ। ତେବେ ଶେଷଥର ପାଇଁ ମିଳିତ ଭାବେ ଦେଖାଯାଇଥିବାରୁ ଅଭିଯୋଜନ ପକ୍ଷଙ୍କୁ ପ୍ରକୃତ ଘଟଣା କଣ ଏହା ସାବ୍ୟସ୍ତ କରିବା ଠାରୁ ଛାଡ଼ ଦିଆଗଲା , କାରଣ ଅଭିଯୁକ୍ତଙ୍କର ଏହି ଘଟଣା ବିଷୟରେ ବିଶେଷ ଧାରଣା ଥିବ ଏବଂ ପ୍ରମାଣ ଅଧିନିୟମର ଧାରା ୧୦୬ ଅନୁଯାୟୀ ପ୍ରମାଣ ପ୍ରଦାନ କରିବାର ଦାୟିତ୍ୱ ତାଙ୍କ ଉପରେ ରହିବ।ତେଣୁ, ଯଦିଓ ଶେଷଥର ଏକସଙ୍ଗରେ ଦେଖାଯିବା ଏକ ନିର୍ଣ୍ଣାୟକ ପ୍ରମାଣ ନୁହେଁ କିନ୍ତୁ ଘଟଣା ସମ୍ପୃକ୍ତ ଅନ୍ୟାନ୍ୟ ପରିସ୍ଥିତି, ଯେପରି ଅଭିଯୁକ୍ତ ଏବଂ ମୃତକଙ୍କ ମଧ୍ୟରେ ସମ୍ବନ୍ଧ , ସେମାନଙ୍କ ମଧ୍ୟରେ ଶତ୍ରୁତା,ଶତ୍ରୁତା ର ପୂର୍ବ ଇତିହାସ ,ଅଭିଯୁକ୍ତଙ୍କ ଠାରୁ ଅସ୍ତ୍ର ମିଳିବା ଇତ୍ୟାଦି, ମୃତକଙ୍କର ମୃତ୍ୟୁର କାରଣ ନ ଦର୍ଶାଇପାରିବା ,ଅପରାଧ ଦିଗକୁ ଅନୁମାନ କରାଉଛି ।"

୨୬. ତେଣୁ ଉପରୋକ୍ତ ତଥ୍ୟ ଏବଂ କାରଣକୁ ଧ୍ୟାନରେ ରଖି ଏହା ଅନୁମାନ କରାଯାଇପାରେ ଯେ, ଘଟଣାର ସମ୍ପୂର୍ଣ୍ଣ ଶୃଙ୍ଖଳା ଅଭିଯୁକ୍ତ ଆବେଦନକାରୀଙ୍କ ଅପରାଧକୁ ଇଙ୍ଗିତ କରୁଛି ଏବଂ ଆବେଦନକାରୀ ଏହି ସମ୍ବନ୍ଧରେ କୌଣସି ବିଶ୍ୱସନୀୟ ପ୍ରତିରକ୍ଷା ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ସମଗ୍ର ଘଟଣା ଶୃଙ୍ଖଳା ଆବେଦନକାରୀଙ୍କ ଅପରାଧ ଆଡ଼କୁ ଇଙ୍ଗିତ କରୁଛି । ତେଣୁ ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟରେ ଆମେ କୌଣସି ତ୍ରୁଟି ପାଉନାହୁଁ । ତେଣୁ ଏହି ଆବେଦନଗୁଡ଼ିକୁ ଖାରଜ କରାଯାଉଛି।

୨୭. ଦୁଇ ଅଭିଯୁକ୍ତଙ୍କ ଜାମିନ୍ ବନ୍ଧପତ୍ର (ବଣ୍ଡ) ରଦ୍ଦ କରାଗଲା ଏବଂ ଆଜିଠାରୁ ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କୁ ନିମ୍ନ ଅଦାଲତ (ଟ୍ରାଏଲ କୋର୍ଟ) ରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଉଛି , ବିଫଳ ହେଲେ ସେମାନଙ୍କୁ ସେହି ଅଭିପ୍ରାୟରେ ପୁଲିସ ହେପାଜତକୁ ନିଆଯିବ।

---

[4] (୨୦୧୫) ୪ ଏସସିସି ୩୯୩

**....................,ପ୍ରଧାନ ବିଚାରପତି**

**(ଏନ. ଭି. ରମଣ)**

**ନୂଆଦିଲ୍ଲୀ ;**

**........................,ବିଚାରପତି**

**୨୦ ମେ,୨୦୨୨**

**(କୃଷ୍ଣ ମୁରାରୀ)**

**........................, ବିଚାରପତି**

**(ହିମା କୋହଲି)**

**<u>ଅସ୍ୱୀକାର ପତ୍ର</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

ଅନୁବାଦିକା : ଜୟା ମୁଖାର୍ଜୀ